# NATIONAL NEWS BULLETIN (ODIA)
## 14 January-2025
## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ଗ୍ରାମାଞ୍ଚଳ ଅର୍ଥନୀତି ଏବଂ ଘରୋଇ ଆୟ କ୍ଷେତ୍ରରେ ପ୍ରାଣୀଧନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ, କହିଲେ ରାଷ୍ଟ୍ରପତି
- ମିଶନ ମୌସମର ଆଜି ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ
- ମକର ସଂକ୍ରାନ୍ତି ଅବସରରେ ଆଜି ମହାକୁମ୍ଭ ମେଳାରେ ଚାଲିଛି ଅମୃତସ୍ନାନ
- ଏନ୍‌ଟିଏ ପକ୍ଷରୁ ଆସନ୍ତାକାଲି ହେବାକୁ ଥିବା ୟୁଜିସି-ନେଟ୍ ପରୀକ୍ଷା ସ୍ଥଗିତ

ଏବଂ

- ଖୋଖୋ ବିଶ୍ୱକପ୍ ପ୍ରତିଯୋଗିତା ଆରମ୍ଭ

– ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ବିଜୟୀ

**ପ୍ରେସ୍-ଓଡ଼ିଶା କୋଅପରେଟିଭ୍**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଗ୍ରାମାଞ୍ଚଳ ଅର୍ଥନୀତି ଏବଂ ଘରୋଇ ଆୟ କ୍ଷେତ୍ରରେ ପ୍ରାଣୀଧନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଜାତୀୟ ଦୁଗ୍ଧ ଉନ୍ନୟନ ବୋର୍ଡ ଆନୁକୂଲ୍ୟରେ ଓମ୍‌ଫେଡ୍ ଦ୍ୱାରା ମୟୂରଭଞ୍ଜଠାରେ ଆୟୋଜିତ ଗୋ-ପାଳନ ଗିଫ୍ଟ ମିଲ୍‌କ ଏବଂ ବଜାର ସହାୟତା କାର୍ଯ୍ୟକ୍ରମର ଗତକାଲି ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିବା ଅବସରରେ ରାଷ୍ଟ୍ରପତି ଏହା କହିଛନ୍ତି । ସେ କହିଛନ୍ତି, ଭାରତ ହେଉଛି ବିବିଧ ପ୍ରଜାତି ପ୍ରାଣୀଧନର ଆବାସସ୍ଥଳୀ । ଦେଶରେ ସମୃଦ୍ଧ କୃଷି ଐତିହ୍ୟକୁ ବିକଶିତ କରିବାରେ ଏହା ବିଶେଷ ସହାୟତା ପ୍ରଦାନ କରିଥାଏ। ପ୍ରାଣୀଧନର ବିକାଶ ଉପରେ ରାଷ୍ଟ୍ରପତି ଗୁରୁତ୍ୱ ଆରୋପ କରିଛନ୍ତି ।

## ପିଏମ୍-ଆଇଏମ୍‌ଡି

ଭାରତକୁ ଏକ ପାଣିପାଗ ପ୍ରସ୍ତୁତ ଏବଂ ଜଳବାୟୁ ସ୍ମାର୍ଟ ରାଷ୍ଟ୍ରରେ ପରିଣତ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମିଶନ୍ ମୌସମର ଶୁଭାରମ୍ଭ କରିବେ । ଏହି ମିଶନର ଲକ୍ଷ୍ୟ ହେଉଛି ଅତ୍ୟାଧୁନିକ ପାଣିପାଗ ନିରୀକ୍ଷଣ ପ୍ରଯୁକ୍ତିବିଦ୍ୟା ଏବଂ ପ୍ରଣାଳୀ ବିକଶିତ କରି ଉଚ୍ଚ କ୍ଷମତାର ବାୟୁମଣ୍ଡଳୀୟ ପର୍ଯ୍ୟବେକ୍ଷଣ, ନୂଆ ପିଢ଼ିର ରାଡାର ଓ ଉପଗ୍ରହ ତଥା ଉଚ୍ଚକ୍ଷମତାସଂପନ୍ନ କମ୍ପ୍ୟୁଟର କାର୍ଯ୍ୟକାରୀ  ଲକ୍ଷ୍ୟ ହାସଲ କରିବା ।

ଭାରତୀୟ ପାଣିପାଗ ବିଭାଗ–ଆଇଏମ୍‌ଡିର ୧୫୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ନୂଆଦିଲ୍ଲୀରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ପାଣିପାଗ ସ୍ଥିରତା ଏବଂ ଜଳବାୟୁ ପରିବର୍ତ୍ତନ ଅନୁକୂଳ ପାଇଁ ଆଇଏମ୍‌ଡି ଭିଜନ-୨୦୪୭ର ଡକୁମେଣ୍ଟକୁ ମଧ୍ୟ ଉନ୍ମୋଚନ କରିବେ । ଏହି ଭିଜନ ଡକୁମେଣ୍ଟରେ ପାଣିପାଗର ସଠିକ୍ ପୂର୍ବାନୁମାନ, ପାଣିପାଗ ପରିଚାଳନା ଏବଂ ଜଳବାୟୁ ପରିବର୍ତ୍ତନ ଜନିତ ବିପର୍ଯ୍ୟୟ ପ୍ରଶମନ ପାଇଁ ଯୋଜନା ଅନ୍ତର୍ଭୁକ୍ତ ରହିଛି ।

## ଆୟୁଷ୍ମାନ ଭାରତ- ଓଡ଼ିଶା

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରିବାରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକ ମଧ୍ୟରେ ଓଡ଼ିଶା ଦେଶର ୩୪ତମ ହୋଇଛି । ଏହି ଯୋଜନା ଅଧୀନରେ ପ୍ରତି ପରିବାରର ଦ୍ୱିତୀୟ ଓ ତୃତୀୟ ସ୍ତରୀୟ ଚିକିତ୍ସା ପାଇଁ ବାର୍ଷିକ ପାଞ୍ଚ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ପ୍ରଦାନ କରାଯାଏ । ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ଏବଂ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମଧ୍ୟରେ ନୂଆଦିଲ୍ଲୀରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି ନଡ୍ଡା କହିଛନ୍ତି, ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ୮ କୋଟିରୁ ଅଧିକ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ସେ ଆହୁରି ମଧ କହିଛନ୍ତି, ଏହି ଯୋଜନା ଦ୍ୱାରା ସମର୍ଥିତ ସ୍ୱାସ୍ଥ୍ୟ ସୁବିଧା

ଉପଲବ୍ଧ ହେଉଥିବାରୁ ଦେଶର ଦୂରଦୂରାନ୍ତ ଓ ଦୁର୍ଗମ ଅଞ୍ଚଳରେ ଡାକ୍ତରଖାନାରେ ଭର୍ତ୍ତି ହେବା ଯଥେଷ୍ଟ ବୃଦ୍ଧି ପାଇଛି । ଭାରତର ୪୫ ପ୍ରତିଶତ ଜନସଂଖ୍ୟା ଏହି ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ସେ କହିଛନ୍ତି, ଲୋକାଭିମୁଖୀ ଯୋଜନା ଲାଗୁ କରିବା କ୍ଷେତ୍ରରେ ରାଜନୈତିକ ଦୃଷ୍ଟିକୋଣ ରାଜ୍ୟଗୁଡ଼ିକ ପାଇଁ ବାଧକ ହେବା ଉଚିତ ନୁହେଁ। ସୂଚନାଯୋଗ୍ୟ, ଦିଲ୍ଲୀ ଏବଂ ପଶ୍ଚିମବଙ୍ଗରେ ଏହି ଯୋଜନା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଯୋଜନାର କାର୍ଯ୍ୟକାରିତା ନେଇ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ସୁଲଭ ଏବଂ ଗୁଣବତ୍ତା ସଂପନ୍ନ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଏହି ଯୋଜନା ବିଶେଷ ସହାୟକ ହେବ । ଓଡ଼ିଶାର ବୟସ୍କ ଏବଂ ମହିଳା ଏହା ଦ୍ୱାରା ବିଶେଷ ଉପକୃତ ହେବେ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

## ପ୍ରେଜ୍ ସିଙ୍ଗାପୁର-ଇଣ୍ଡିଆ

ସିଙ୍ଗାପୁର ରାଷ୍ଟ୍ରପତି ଥାର୍ମନ ଶନ୍ମୁଗାରତ୍ନମ୍ ଆଜିଠାରୁ ୫ ଦିନିଆ ଭାରତ ଗସ୍ତରେ ଆସିବେ । ତାଙ୍କ ସହ ମନ୍ତ୍ରୀ, ସାଂସଦ ଓ ଅଧିକାରୀଙ୍କ ସମେତ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆସୁଛନ୍ତି। ସିଙ୍ଗାପୁର ରାଷ୍ଟ୍ରପତି ଭାବେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ।

ଗସ୍ତ ସମୟରେ ରାଷ୍ଟ୍ରପତି ଥର୍ମନ’ ନୂଆଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଆଲୋଚନା କରିବେ। ତାଙ୍କ ସମ୍ମାନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏକ ନୈଶ୍ୟଭୋଜିର ଆୟୋଜନ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି’ ସିଙ୍ଗାପୁର ରାଷ୍ଟ୍ରପତିଙ୍କୁ ମଧ୍ୟ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତା ୧୭ରୁ ୧୮ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତି ଥର୍ମନ ଓଡ଼ିଶା ଗସ୍ତରେ ଆସିବେ।

ବନ୍ଧୁତା, ବିଶ୍ୱାସ ଏବଂ ପାରସ୍ପରିକ ସମ୍ମାନର ଦୀର୍ଘ ପରମ୍ପରା ଆଧାରରେ ଭାରତ ଏବଂ ସିଙ୍ଗାପୁର ମଧ୍ୟରେ ବ୍ୟାପକ ସହଯୋଗ ରହିଛି । ରାଷ୍ଟ୍ରପତି ଥର୍ମନଙ୍କ ଗସ୍ତ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି । ଭାରତ ଓ ସିଙ୍ଗାପୁର ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୬୦ତମ ବାର୍ଷିକୀ ପାଳନର ଶୁଭାରମ୍ଭ ଅବସରରେ ଏହି ବୈଦେଶିକ ଗସ୍ତ ଆରମ୍ଭ ହୋଇଛି।

## ମହାକୁମ୍ଭ

ମକର ସଂକ୍ରାନ୍ତି ଅବସରରେ ପ୍ରୟାଗରାଜ ମହାକୁମ୍ଭ ମେଳାରେ ଅମୃତସ୍ନାନ ଚାଲିଛି । ୧୩ଟି ଆଖଡ଼ା ମଧ୍ୟରୁ ପ୍ରତ୍ୟେକ ଆଖଡ଼ା ନିର୍ଦ୍ଧାରିତ ସମୟ ଏବଂ କାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ ଅମୃତ ସ୍ନାନରେ ଅଂଶ ଗ୍ରହଣ କରୁଛନ୍ତି । ମହାନିର୍ବାଣୀ ପଞ୍ଚାୟତି ଆଖଡ଼ା ପ୍ରଥମ ସାହିସ୍ନାନ କରିଥିବା

ବେଳେ ଶ୍ରୀପଞ୍ଚାୟତି ଆଖଡ଼ା ନିର୍ମଳ ଅନ୍ତିମ ସାହିସ୍ନାନ କରିବ । ଏଥିପାଇଁ ପ୍ରୟାଗରାଜଠାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ପ୍ରୟାଗରାଜ ମହାକୁମ୍ଭର ଗତକାଲି ପ୍ରଥମ ଦିନରେ  ଦେଢ଼କୋଟିରୁ ଅଧିକ ଶ୍ରଦ୍ଧାଳୁ  ସ୍ନାନ କରିଥିଲେ। ବିଶ୍ୱର ସର୍ବବୃହତ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସମାବେଶ ପ୍ରୟାଗରାଜ ମହାକୁମ୍ଭରେ ଶ୍ରଦ୍ଧାଳୁମାନଙ୍କୁ ସ୍ୱାଗତ କରିବା ପାଇଁ ହେଲିକପ୍ଟରରୁ ପୁଷ୍ପ ବର୍ଷା କରାଯାଇଥିଲା।

ଗଙ୍ଗା, ଯମୁନା ଓ ପୌରାଣିକ ନଦୀ ସରସ୍ୱତୀର ସଙ୍ଗମସ୍ଥଳୀ ତ୍ରିବେଣୀ ସଙ୍ଗମର ବିଭିନ୍ନ ଘାଟରେ ଶ୍ରଦ୍ଧାଳୁମାନେ ସ୍ନାନ କରୁଛନ୍ତି।  ଫେବୃଆରୀ ୨୬ ତାରିଖ ମହାଶିବରାତ୍ରୀ ପର୍ଯ୍ୟନ୍ତ ଏହି ଭବ୍ୟ ମେଳା ଚାଲିବ।

# ମକର ସଂକ୍ରାନ୍ତି

ଦେଶର ବିଭିନ୍ନ ପ୍ରାନ୍ତରେ ଆଜି ମକର ସଂକ୍ରାନ୍ତି ପର୍ବ ପାଳନ କରାଯାଉଛି । ତାମିଲନାଡୁରେ ଆଜି ପୋଙ୍ଗଲ, ଗୁଜରାଟରେ ଉତ୍ତରଣ, ଆସାମରେ ଭୋଗଲୀ ବିହୁ ଏବଂ ପଶ୍ଚିମବଙ୍ଗରେ ପୌଷ ସଂକ୍ରାନ୍ତି ପାଳନ କରାଯାଉଛି । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଆଜି ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିଥାନ୍ତି । ଆଜିଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହୋଇଥାଏ ।

## ୟୁଜିସି-ନେଟ୍

ନ୍ୟାଶନାଲ୍ ଟେଷ୍ଟିଙ୍ଗ୍ ଏଜେନ୍ସୀ-ଏନ୍‌ଟିଏ ପକ୍ଷରୁ ଆସନ୍ତାକାଲି ହେବାକୁ ଥିବା ୟୁଜିସି ନେଟ୍ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ପୋଙ୍ଗଲ, ମକରସଂକ୍ରାନ୍ତି ଏବଂ ଅନ୍ୟାନ୍ୟ ପର୍ବପର୍ବାଣୀ ପାଳନ ଦୃଷ୍ଟିରୁ ବିଭିନ୍ନ ବର୍ଗର ଅନୁରୋଧ ଆଧାରରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଏନ୍‌ଟିଏ ସୂଚନା ଦେଇଛି । ପରୀକ୍ଷାର ପରବର୍ତ୍ତୀ ତାରିଖ ପରେ ଘୋଷଣା କରାଯିବ । ତେବେ ଆସନ୍ତା ଗୁରୁବାର ହେବାକୁ ଥିବା ପରୀକ୍ଷା ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ବୋଲି ଏନ୍‌ଟିଏ ସ୍ପଷ୍ଟ କରିଛି ।

## ଜୟଶଙ୍କର -ଇଣ୍ଡୋସ୍ପାନିସ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ସ୍ପେନ୍‌ର ମାଦ୍ରିଦ୍ ଠାରେ ସ୍ପେନ୍ ପ୍ରତିପକ୍ଷ ଜୋଶେ ମାନୁଏଲ୍ ଆଲ୍‌ବାରିସ୍‌ଙ୍କ ସହ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଦୁଇଦେଶ ମଧ୍ୟରେ ବାଣିଜ୍ୟ, ପୁଞ୍ଜି ନିବେଶ, ପ୍ରତିରକ୍ଷା, ନଗର ଉନ୍ନୟନ, ନିରାପତ୍ତା, ରେଳବାଇ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଛି ।

ଭାରତ-ୟୁରୋପୀୟ ସଂଘ ମଧ୍ୟରେ ସଂପର୍କକୁ ସୁଦୃଢ଼ କରିବା ଏବଂ ଭୂମଧ୍ୟସାଗରୀୟ ଅଞ୍ଚଳରେ ଏକ ସହଯୋଗୀ ରାଷ୍ଟ୍ର ଭାବେ ଭାରତର ପଦକ୍ଷେପକୁ ସ୍ପେନ୍ ଉଚ୍ଚ ପ୍ରଶଂସା କରିଛି ବୋଲି ଡକ୍ଟର ଜୟଶଙ୍କର

କହିଛନ୍ତି । କ୍ରୀଡ଼ା ଏବଂ ନିରନ୍ତର ସହରାଞ୍ଚଳ ବିକାଶ କ୍ଷେତ୍ରରେ ଦୁଇଦେଶ ମଧ୍ୟରେ କେତେକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କକୁ ଅଧିକ ସୁଦୃଢ଼ କରିବା ଏବଂ ସହଯୋଗର ନୂତନ ମାର୍ଗ ଉନ୍ମୋଚନ ହେବା ନେଇ ଡକ୍ଟର ଜୟଶଙ୍କର ଆଶା ବ୍ୟକ୍ତ କରିଛନ୍ତି ।

# ଖୋଖୋ

ଖୋଖୋ ବିଶ୍ୱକପ୍-୨୦୨୫ ବିଶ୍ୱକପ୍ ପ୍ରତିଯୋଗିତାରେ ଗ୍ରୁପ୍-ଏ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ’ ନେପାଳକୁ ୪୨-୩୭ ପଏଣ୍ଟରେ ପରାସ୍ତ କରିଛି । ଭାରତୀୟ ଦଳର ଆଦିତ୍ୟ ଗନ୍‌ପୁଲେ ଶ୍ରେଷ୍ଠ ଖେଳାଳି ଏବଂ ଶିବ୍‌ବା ରେଡ୍ଡୀ ଶ୍ରେଷ୍ଠ ଆଟାକର୍ ଭାବେ ଏବଂ ନେପାଳର ରୋହିତ କୁମାର ଶ୍ରେଷ୍ଠ ଡିଫେଣ୍ଡର ଭାବେ ପୁରସ୍କୃତ ହୋଇଛନ୍ତି ।

ମ୍ୟାଚ୍ ପୂର୍ବରୁ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଖୋଖୋ ବିଶ୍ୱକପ୍-୨୦୨୫ ପ୍ରତିଯୋଗିତାର ଆନୁଷ୍ଠାନିକ ଭାବେ ମଶାଲ ପ୍ରଜ୍ୱଳନ କରିଥିଲେ । ଭାରତୀୟ ଅଲମ୍ପିକ୍ ସଂଘର ସଭାପତି ପିଟି ଉଷା ଏବଂ ଭାରତୀୟ ଖୋଖୋ ଫେଡେରେସନ୍‌ର ସଭାପତି ସୁଧାଂଶୁ ମିତ୍ତଲ ଏଥିରେ ଯୋଗ ଦେଇଥିଲେ ।

ପୁରୁଷ ଏବଂ ମହିଳା ବର୍ଗରେ ଏହି ମ୍ୟାଚ୍‌ଗୁଡ଼ିକ ଖେଳାଯାଉଛି । ଆସନ୍ତା ୧୯ ତାରିଖରେ ଉଭୟ ବର୍ଗରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

ପୁରୁଷ ବର୍ଗରେ ଭାରତ ସମେତ ୨୦ଟି ଦଳ ଏବଂ ମହିଳା ବର୍ଗରେ ୧୯ଟି ଦଳ ଅଂଶ ଗ୍ରହଣ କରୁଛନ୍ତି ।

## ହକି ଇଣ୍ଡିଆ

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାର ମହିଳା ବର୍ଗରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଜେଏସ୍‌ଡବ୍ଲୁ ସୁର୍‌ମା ହକି କ୍ଲବ୍ ବିଜୟୀ ହୋଇଛି । ରାଞ୍ଚିର ଜୟପାଲ ସିଂ ହକି ଷ୍ଟାଡିୟମଠାରେ  ଖେଳାଯାଇଥିବା ମ୍ୟାଚ୍‌ରେ ସୁର୍‌ମା ହକି କ୍ଲବ ଶ୍ରାଚୀ ରାହ ବେଙ୍ଗଲ ଟାଇଗର୍ସଙ୍କୁ ୪-୧ ଗୋଲ୍‌ରେ ପରାସ୍ତ କରିଛି। ଏହି ବିଜୟ ସହ ସୁର୍‌ମା ହକି କ୍ଲବ ୩ ପଏଣ୍ଟ ହାସଲ କରିଛି ।

ଆଜି ଦିଲ୍ଲୀ ଏସ୍.ଜି. ପାଇପର୍ସ ଓ ବେଙ୍ଗଲ ଟାଇଗର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

ଅନ୍ୟପକ୍ଷରେ ପୁରୁଷ ବର୍ଗ ପ୍ରତିଯୋଗିତାରେ ତାମିଲନାଡୁ ଡ୍ରାଗନ୍ସ ବିଜୟୀ ହୋଇଛି । ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ଗତସନ୍ଧ୍ୟାରେ ଅନୁଷ୍ଠିତ ଖେଳରେ ତାମିଲନାଡୁ ଡ୍ରାଗନ୍ସ ଦିଲ୍ଲୀ ଏସ୍.ଜି. ପାଇପର୍ସଙ୍କୁ ୩-୨ ଗୋଲ୍‌ରେ ପରାସ୍ତ କରିଛି । ଏହି ବିଜୟ ସହ ତାମିଲନାଡୁ ୧୫ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷରେ ରହିଥିବା ବେଳେ ୪ ପଏଣ୍ଟ ସହ ଦିଲ୍ଲୀ ସର୍ବନିମ୍ନ ସ୍ଥାନରେ ରହିଛି ।

ଆଜି ଗୋନାସିକା ଏବଂ ସୁର୍‌ମା ହକି କ୍ଲବ ମଧ୍ୟରେ ମୁକାବିଲା ହେବ ।

## ଫୁଟବଲ୍

ଇଣ୍ଡିଆନ୍ ସୁପର୍ ଲିଗ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ କେରଳା ବ୍ଲାଷ୍ଟର୍ସ ବିଜୟୀ ହୋଇଛି । କୋଚିଠାରେ ଖେଳାଯାଇଥିବା ଗତକାଲିର ମ୍ୟାଚ୍‌ରେ କେରଳା' ଓଡ଼ିଶା ଫୁଟବଲ କ୍ଲବକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି । କେରଳା ବ୍ଲାଷ୍ଟର୍ସ ଆସନ୍ତା ୧୮ ତାରିଖରେ ନର୍ଥ-ଇଷ୍ଟ ୟୁନାଇଟେଡ୍ ଏଫ୍‌ସିକୁ ଭେଟିବାକୁ ଥିବା ବେଳେ ୨୨ ତାରିଖରେ ଓଡ଼ିଶା' ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ଖେଳିବ । ଆଜି ନର୍ଥ୍-ଇଷ୍ଟ୍ ୟୁନାଇଟେଡ୍ ଏଫ୍‌ସି ଏବଂ ଏଫ୍‌ସି ଗୋଆ ମଧ୍ୟରେ ଗୁଆହାଟୀଠାରେ ସନ୍ଧ୍ୟା ସାଢ଼େ୭ଟାରେ ମ୍ୟାଚ୍ ଖେଳାଯିବ ।